ପ୍ରେସ୍ ନୋଟ୍

## ଚଳିତ ମାସ ୨୦ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ଜିଲ୍ଲାରେ ଅନୁଷ୍ଠିତ ହେବ ସ୍ୱାସ୍ଥ୍ୟ ମେଳା ।

### ସମସ୍ତ ପ୍ରକାର ଚିକିତ୍ସା ଓ ଔଷଧ ମାଗଣାରେ ଉପଲବଧ ହେବ ।

ଅନୁଗୋଳ,ତା.୨୦.୪:- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ବ୍ଲକ୍ ସ୍ତରୀୟ ସ୍ୱାସ୍ଥ୍ୟ ମେଳା ପ୍ରତ୍ୟେକ ରାଜ୍ୟରେ ଅନୁଷ୍ଠିତ ହେଉଛି । ଏହି ମେଳାରେ ହଜାର ହଜାର ଲୋକଂକୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଓ ଆବଶ୍ୟକ ଔଷଧ ମାଗଣାରେ ପ୍ରଦାନ କରାଯିବ । ଏହି ମେଳା କେନ୍ଦ୍ର ଓ ରାଜ୍ୟ ସରକାର ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଆୟୋଜନ କରାଯାଉଛି । ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିକ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହ AB-HWC ଉପରେ ଫୋକସ୍ କରାଯିବ । ABDM ଅଧିନରେ ୟୁନିକ୍ ହେଲ୍‌ଥ ଆଇ ଡି ଉପଲବଧ କରାଯିବ । ଏହାଛଡା ଆୟୁଷ୍ମାନ ଭାରତ ଇ- କାର୍ଡ AB-PM - JAY ର ସୁବିଧା ଉପଲବଧ ହେବ । ବିଭିନ୍ନ ସଂକ୍ରମଣ ଓ ଅଣ- ସଂକ୍ରମଣ ରୋଗର ପ୍ରତିରୋଧ କରିବା ନିମନ୍ତେ ଜନସାଧାରଣଂକ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ମେଳାର ମୁଳ ଲକ୍ଷ୍ୟ । ମେଳାର ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଓ କାଉଣ୍ଟର ଖୋଲାଯିବ । ବ୍ଲକ ସମନ୍ୱୟ କମିଟି ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତ ମାସ ୨୦ ତାରିଖରେ ବଁଅରପାଳ, ୨୧ ତାରିଖରେ ଆଠମଲ୍ଲିକ,୨୨ ତାରିଖରେ ତାଳଚେର ଓ ଛେଣ୍ଡିପଦା, ୨୩ ତାରିଖରେ କିଶୋରନଗର,୨୬ ତାରିଖରେ ପାଲଲହଡା, ୨୭ ତାରିଖରେ ଅନୁଗୋଳ ଓ ୨୮ ତାରିଖରେ କଣିହାଁରେ ବ୍ଲକ୍ ସ୍ତରୀୟ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହେବ । ଏହି ମେଳାର ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତ ପ୍ରକାର ଆନୁସଂଗୀକ ବ୍ୟବସ୍ଥା ଉପରେ ସମୀକ୍ଷା କରିଛନ୍ତି । ନିଜ ନିଜ ବ୍ଲକ୍ ଅଧିନରେ ଅନୁଷ୍ଠିତ ହେଉଥିବା ସ୍ୱାସ୍ଥ୍ୟ ମେଳାରେ ବହୁ ସଂଖ୍ୟାରେ ଯୋଗ ଦେଇ ମାଗଣା ସ୍ୱାସ୍ଥ୍ୟ ସେବାର ସୁବିଧା ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ନିବେଦନ କରିଛନ୍ତି ।